### ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ ଉଦ୍‌ଘାଟିତ

# ‘ଫିଟ୍‌ନେସ ପାଇଁ ଯୋଗ ଆନ୍ଦୋଳନ ଜରୁରୀ’

ପୁରୀ,୨୧।୩(ସମିସ)



ପ୍ରତ୍ୟେକଙ୍କ ପାଇଁ ଫିଟ୍‌ନେସ ଜରୁରୀ। ଆଉ ଏହି ଫିଟ୍‌ନେସ ରହିବା ଲାଗି ଯୋଗକୁ ଏକ ଆନ୍ଦୋଳନରେ ପରିଣତ କରିବା ଆବଶ୍ୟକ ବୋଲି କହିଛନ୍ତି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଶନିବାର ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ତିନି ଦିନିଆ ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ ଦେଶର ୬୫ ଭାଗ ଯୁବ ବର୍ଗ ଅଟନ୍ତି। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ପୂରଣ ପାଇଁ ଆମେ ବୟସ ନିର୍ବିଶେଷରେ ସମସ୍ତେ ସୁସ୍ଥ ଓ ଫିଟ୍ ରହିବା ଜରୁରୀ ବୋଲି କହିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଫିଟ୍‌ନେସ କା ଡୋଜ୍ ଅଧାଘଣ୍ଟା ରୋଜ୍‌କୁ ଆମେ ମାନିବା ଓ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ତତଃ ଅଧାଘଣ୍ଟା ସମୟ ଦେବା। ବର୍ତ୍ତମାନ ସମୟରେ ସମାଜରେ ବୃଦ୍ଧି ପାଉଥିବା ମାନସିକ ଅବସାଦ, ଟେନ୍‌ସନ୍, ପାନିକ୍, ଏନ୍‌ଜାଇଟ୍‌କୁ ପ୍ରତିହତ କରିବାର ଏହା ଏକ ସହଜ ଉପାୟ। ଏହି କାର୍ଣ୍ଣିଭାଲ ଏକ ନୂତନ ଦିଗ ଓ ମାର୍ଗଦର୍ଶନ କରାଇବ ବୋଲି କହିଥିଲେ।

ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ସ୍ୱାସ୍ଥ୍ୟ ସଚେତନ ହେବା ଓ ସୁସ୍ଥ ରହିବାର ମନ୍ତ୍ର ଏହି ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲର ମୁଖ୍ୟ ଉଦ୍ଦେଶ୍ୟ।

- ଫିଟ୍‌ନେସ କା ଡୋଜ୍, ଅଧାଘଣ୍ଟା ରୋଜ୍
- ଅନୁରାଧା ବିଶ୍ୱାଳ ଓ କେ. ରବି କୁମାର ସମ୍ବର୍ଦ୍ଧିତ

ବିକଶିତ ଭାରତର ସ୍ୱପ୍ନ ଫିଟ୍ ଇଣ୍ଡିଆ ସହ ଜଡ଼ିତ। ସମସ୍ତେ ଫିଟ୍ ରହିବା ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଅତିଥିମାନେ ଅଲିମ୍ପିଆନ ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳ ଓ ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଆଞ୍ଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାଇର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପନିର୍ଦ୍ଦେଶକ ତ୍ରୈଲୋକ୍ୟ ନାଥ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାତଃରେ ଯୋଗ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଧପନ୍ତରିଆ ରାସ୍ତା କାମ ପୂର୍ଣ୍ଣାଙ୍ଗ କରିବାକୁ ଦାବି



ଚାରିଛକ,୨୧।୩(ସମିସ): ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ଆମ୍ପୋର-କୋଲର ରାସ୍ତାର ବାହାରଣା ସେଠୀ ସାହି ନିକଟରେ ଠିକାଦାର ରାସ୍ତାକାମ ଅଧା ରଖି ଚାଲିଯିବା ପରେ ଗ୍ରାମର ଲୋକମାନେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି। ଏହି ରାସ୍ତା ଦେଇ ବାହାରଣା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ଜନସାଧାରଣ, ସ୍କୁଲ, କଲେଜ ଛାତ୍ରଛାତ୍ରୀ, ରୋଗୀମାନଙ୍କୁ ନେଇଯାଉଥିବା ଆମ୍ବୁଲାନ୍ସ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀଙ୍କ ତରଫରୁ ପୁରୀ ଜିଲ୍ଲାପାଳ, ନିମାପଡ଼ା ବିଡିଓ ଏବଂ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଉକ୍ତ ରାସ୍ତାର ସେଠୀ ସାହି ନିକଟରେ ଅଧପନ୍ତରିଆ ଥିବା ରାସ୍ତା କାମ କରା ନ ଗଲେ ଗ୍ରାମବାସୀମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବୀଣାପାଣି ସରକାରୀ ମିଳିତ ବିଦ୍ୟାପୀଠର ବାର୍ଷିକ ଉତ୍ସବ



ବଳଙ୍ଗା,୨୧।୩(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ବୀଣାପାଣି ସରକାରୀ ମିଳିତ ବିଦ୍ୟାପୀଠ ପାର୍ବତୀପୁରଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ରୂପେ ନିମାପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ମୁଖ୍ୟବକ୍ତା ଭାବେ ନିମାପଡ଼ା ମଣ୍ଡଳ ସହ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ମୁଦୁଲି, ପୂର୍ବତନ ପ୍ରଧାନଶିକ୍ଷକ ଗୋପବନ୍ଧୁ ଦାଶ, ନକୁଳ ଚନ୍ଦ୍ର ବେହେରା, ବଳଙ୍ଗା ପ୍ରାଥମିକ ଶିକ୍ଷକ ୟୁନିୟନର ଉପସଭାପତି ରବୀନ୍ଦ୍ର କୁମାର ଦାଶ, କ୍ୟାଡର ଶିକ୍ଷକ ସଂଘ ନିମାପଡ଼ା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସାହୁ, କୁଞ୍ଜବିହାରୀ ମଲ୍ଲିକ, ବିଦ୍ୟାଳୟ କମିଟିର ସଭାପତି ରମେଶ କୁମାର ବରାଳ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲାବେଳେ ପ୍ରଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ନର୍ମଦା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।

### ତୃତୀୟ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହିଳା ପ୍ରଦର୍ଶନୀ ମ୍ୟାଚ୍‌ରେ କିଟ୍ ଚାମ୍ପିଅନ

ଗୋପ,୨୧।୩(ସମିସ): ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ତୃତୀୟ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମହିଳା ପ୍ରଦର୍ଶନୀ ମ୍ୟାଚ୍‌ରେ ଭୁବନେଶ୍ୱରର କିଟ୍ ମହିଳା କ୍ରିକେଟ୍ ଟିମ୍ ଖୋର୍ଦ୍ଧାର ମହିଳା କ୍ରିକେଟ ଟିମ୍‌କୁ ୧୫ ରନ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ କିଟ୍ ୧୮.୨ ଓଭରରେ ସମସ୍ତ ୱିକେଟ ହରାଇ ୯୮ ରନ୍ କରିଥିଲା। ଦଳ ପକ୍ଷରୁ କୁନି ବଦରା ୨୨ ରନ୍ କରିଥିଲେ। ଜବାବରେ ଖୋର୍ଦ୍ଧା ମହିଳା ଦଳ ପ୍ରଥମରୁ ଭଲ ବ୍ୟାଟିଂ କରିଥିବାବେଳେ ପ୍ରାର୍ଥନା ପ୍ରତିଶ୍ରୁତି ୩୭ ରନ୍ କରିଥିଲେ ମଧ୍ୟ ଦଳ ଶେଷ ଭାଗରେ କ୍ରମାଗତ ୱିକେଟ୍ ହରାଇ ୮୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। କସ୍ତୁରୀବାଳା ଫାଉଣ୍ଡେସନର ଅଧ୍ୟକ୍ଷା କସ୍ତୁରୀବାଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବଜ୍ୟୋତି ଫାଉଣ୍ଡେସନ ତରଫରୁ ନଗଦ ୧୦ ହଜାର ଟଙ୍କା ସହିତ ଚାମ୍ପିଅନ ଟ୍ରଫି ଓ କସ୍ତୁରୀବାଳା ଫାଉଣ୍ଡେସନ ପକ୍ଷରୁ ରନର୍ସ ଅପ୍ ଦଳକୁ ନଗଦ ୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ପ୍ରମୋଦ କୁମାର ସିହ୍ନା, ସତ୍ୟସାଗର ଦାସ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ କୋଲକାତା କ୍ରିକେଟ ଟିମ୍ ଓ ଭୁବନେଶ୍ୱରର ତମାଣ୍ଡୋ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

### ରାଜନୈତିକ ଦଳଗୁଡ଼ିକରେ ମିଶ୍ରଣ ପର୍ବ

## ମେଳା, ମହୋତ୍ସବ କରି ଚାଲିଛି ସମର୍ଥକ ଯୋଗାଡ଼

ଗମ୍ଭାରୀପଦା,୨୧।୩(ସମିସ): ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି ଆଞ୍ଚଳିକସ୍ତରରେ ଦଳୀୟ ନେତାଙ୍କ ପତିଆରା ବୃଦ୍ଧି ପାଇଁ ମିଶ୍ରଣ ପର୍ବର ନାଟକ ସେତେ ରୋମାଞ୍ଚ ହୋଇଉଠୁଛି। ଜନସାଧାରଣଙ୍କ ଦଳ ପ୍ରତି ହେଉ କିମ୍ବା ଦଳର ସଂକେତ ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଭିନ୍ନ ସ୍ଥାନରେ ଠିକାଦାରଙ୍କୁ ସଂଶ୍ଳିଷ୍ଟ କରାଇ ବିଭିନ୍ନ ପ୍ରକାର ମେଳା ମହୋତ୍ସବ ଆୟୋଜନ କରାଇ ଗଣମାଧ୍ୟମ ଦ୍ୱାରା ସ୍ଥାନୀୟ ନେତାମାନେ ଜିଲ୍ଲା ଓ ରାଜ୍ୟସ୍ତରୀୟ ନେତାମାନଙ୍କର ଦୃଷ୍ଟିକୁ ଆସିବାକୁ ପ୍ରୟାସ ଜାରି ରଖିଛନ୍ତି। କାଳେ ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ସେମାନଙ୍କୁ ପ୍ରାର୍ଥୀ କିମ୍ବା ପ୍ରାର୍ଥୀ ଚୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରିସ୍ଥ ନେତାଙ୍କଠାରୁ ମିଳିଯିବ। ସ୍ଥାନୀୟ ସମସ୍ୟାକୁ ନଜର ଅନ୍ଦାଜ୍ କରି ପ୍ରମୁଖ ଦଳଗୁଡ଼ିକର ନେତାମାନଙ୍କ ଏତାଦୃଶ କାର୍ଯ୍ୟକ୍ରମ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ମହୋତ୍ସବ ମାଧ୍ୟମରେ ନିଜ ନିଜର ସମର୍ଥକ ଯୋଗାଡ଼ କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଜିଲ୍ଲା ଓ ରାଜ୍ୟସ୍ତରୀୟ ନେତାଙ୍କଠାରୁ ସମ୍ବର୍ଦ୍ଧନା ପାଇବା ପାଇଁ ଯୁବକମାନଙ୍କ ମଧ୍ୟରେ ମଧ୍ୟ ପ୍ରତିଯୋଗିତା ସୃଷ୍ଟି ହେଉଛି। ସମ୍ବର୍ଦ୍ଧିତ ହେଉଥିବା ଯୁବଗୋଷ୍ଠୀମାନେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳ ପ୍ରତି ଆନୁଗତ୍ୟ ରଖି କାର୍ଯ୍ୟ କରିବେ ବୋଲି ନେତାମାନେ ଅନୁଭବ କରୁଛନ୍ତି। ଦଳ ମଧ୍ୟରେ ମିଶ୍ରଣ ପର୍ବ ଅନ୍ୟ ଏକ ଅନୁଭୂତି ସୃଷ୍ଟି କରୁଛି। ଦୀର୍ଘ ବର୍ଷ ଧରି ଗୋଟିଏ ଦଳରେ ରହି ଆସିଥିବା କର୍ମୀମାନଙ୍କୁ ନେଇ କେଉଁ ଦଳ ରାଜ୍ୟସ୍ତରରେ ମିଶ୍ରଣ ପର୍ବର ଆୟୋଜନ କଲେଣି ତ କିଏ ଜିଲ୍ଲାସ୍ତରରେ ଆଉ କିଏ ବ୍ଲକ୍‌ସ୍ତରରେ ଠାକୁରାଣୀଙ୍କ ପୀଠରେ ମିଶ୍ରଣ କରାଇ ମିଶ୍ରଣର ଆୟୋଜକମାନେ ନିଜେ ନିଜର ପିଠି ଥାପୁଡ଼େଇଲେଣି। ବୁଦ୍ଧିଜୀବୀ ଓ ରାଜନୈତିକ ବିଶ୍ଳେଷକଙ୍କ ମତରେ ଯେଉଁମାନେ ଚିନ୍ତାଶୀଳ ରାଜନେତାମାନେ କେବଳ ସ୍ଥାନୀୟ ସମସ୍ୟାକୁ ଇସ୍ୟୁ କରି ଜନସାଧାରଣଙ୍କ ହୃଦୟ ଜିଣିବା କଥା କିନ୍ତୁ ଆଜିକାଲି ସେଭଳି ନେତାଙ୍କ ଅଭାବ ଯୋଗୁଁ ଭୋଟ୍ ଦାନରୁ ଦାନ ଶବ୍ଦ ଅପସରି ଯାଇ ଭୟଭ୍ରାନ୍ତି ଓ କିଣାବିକା ମାଧ୍ୟମରେ ଭୋଟ୍ ସଂଗ୍ରହ କରାଯାଉଛି। ପଞ୍ଚାୟତସ୍ତରରେ ସୁସ୍ଥ ଗଣତନ୍ତ୍ର ପାଇଁ ଉତ୍ସବ, ମହୋତ୍ସବ, ମିଶ୍ରଣ ପରିବର୍ତ୍ତେ ବିରୋଧୀ ହେଉ ଅବା ଶାସକ ଲୋକମାନଙ୍କ ସମସ୍ୟା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳର ସମାଧାନ କରି ଗ୍ରାମାଞ୍ଚଳରେ ସୁସ୍ଥ ପରିବେଶ ସୃଷ୍ଟି କରିପାରିଲେ ଭୋଟରମାନେ ସେମାନଙ୍କ କାର୍ଯ୍ୟଶୈଳୀକୁ ଅନୁସରଣ କରି ସମର୍ଥନ ଦେବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ୨୬ରେ ସାଇବାବାଙ୍କ ମନ୍ଦିରର ବାର୍ଷିକ ଉତ୍ସବ

ଡେଲାଙ୍ଗ,୨୧।୩(ସମିସ): ଡେଲାଙ୍ଗ ବ୍ଲକ୍ ବ୍ରାହ୍ମଣ ତରବୋଇସ୍ଥିତ ଶ୍ରୀଶିରିଡ଼ି ସାଇବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ସାମୂହିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ଶିରିଡ଼ି ସାଇ ମନ୍ଦିର ପରିବାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ବୈଠକରେ ମନ୍ଦିରର ୬ଷ୍ଠ ବାର୍ଷିକ ଉତ୍ସବ ସମାରୋହ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୬ରେ କଳସ ଯାତ୍ରା କରାଯିବା ସହିତ ୨୭ ତାରିଖ ରାମ ନବମୀ ଦିନ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସ୍ଥିର କରାଯାଇଥିବା ଜଣାପଡ଼ିଛି। ଡେଲାଙ୍ଗ ଅଞ୍ଚଳର ଏହି ସାଇ ବାବାଙ୍କ ମନ୍ଦିରକୁ ଗତ କିଛି ବର୍ଷ ହେବ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବାବାଙ୍କ କୃପାଲାଭ କରିବାକୁ ଆସୁଥିବା ଦେଖିବାକୁ ମିଳୁଛି। ତେଣୁ ଆସନ୍ତା ୨୬ ତାରିଖରେ ବାର୍ଷିକ ଉତ୍ସବ ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସାଇ ଭଜନ ଓ ସଂକୀର୍ତ୍ତନ ସହିତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ରମାକାନ୍ତ ଆଚାର୍ଯ୍ୟ, ଉପସଭାପତି ପ୍ରଦୀପ୍ତ କୁମାର ଦାଶ, କୈଳାସ ମହାପାତ୍ର, ସନାତନ ସାହୁ, ଶିବଶମ୍ଭୁ ସାହୁ, ନକୁଳ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ବାର୍ଷିକ ଉତ୍ସବ ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

## ସାକ୍ଷୀଗୋପାଳଙ୍କୁ ଶେଷ ଦର୍ଶନ

ସାକ୍ଷୀଗୋପାଳ,୨୧।୩(ସମିସ): ଶନିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଶ୍ରୀଶ୍ରୀ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିବା ପରେ ଜଣେ ବୃଦ୍ଧା ତୀର୍ଥଯାତ୍ରୀ ହଠାତ୍ ଟଳି ପଡ଼ିଥିଲେ। ତାଙ୍କ ସହିତ ରହିଥିବା ସହଯାତ୍ରୀମାନେ ମୁମୂର୍ଷ ଅବସ୍ଥାରେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ମାତ୍ର ଡ୍ୟୁଟିରେ ଥିବା ଡାକ୍ତର ପ୍ରିତମ୍ ବାଗ୍ ତାଙ୍କୁ ମୃତ ଘୋଷଣା କରିବା ସହ ପୁଲିସକୁ ସୂଚନା ଦେଇଥିଲେ। ମୃତ ବୃଦ୍ଧାଙ୍କ ନାମ ପଦ୍ମାରାନୀ ସାହା(୭୯)। ସୁଦୂର ଝାଡ଼ଖଣ୍ଡ ରାଜ୍ୟ ଧାନବାଦ ଅଞ୍ଚଳର ବୃଦ୍ଧା ଜଣକ ପୁତ୍ର ଚନ୍ଦ୍ରକାନ୍ତ ସାହା ଓ ବୋହୂଙ୍କ ସହ ତୀର୍ଥଯାତ୍ରାରେ ଆସି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଶନିବାର ସକାଳେ ସେମାନେ କୋଣାର୍କ ସୂର୍ଯ୍ୟ ମନ୍ଦିର, ଲିଙ୍ଗରାଜ ମନ୍ଦିର ଆଦି ତୀର୍ଥ ଭ୍ରମଣ କରିବା ପରେ ତୀର୍ଥଯାତ୍ରାର ସାକ୍ଷୀ ଦେବାକୁ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରି ଘରକୁ ଫେରିଯିବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିବା ପରେ ସେ ନିର୍ବାଣ ଲଭିଥିବା ନେଇ ଶ୍ରଦ୍ଧାଳୁମାନେ କହିଛନ୍ତି।

## ପୀତବାସ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ



ପିପିଲି,୨୧।୩(ସମିସ): ପୀତବାସ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦାଣ୍ଡମୁକୁନ୍ଦପୁରରେ ଚଳିତ ଶିକ୍ଷାବର୍ଷର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପିପିଲି ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ ଓ ସମ୍ମାନିତ ଅତିଥିଭାବେ ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ସାହେବ ପାତ୍ର, ଶରତ ଚଉଁରୀ, ଶିକ୍ଷକ ସଙ୍ଘର ସଭାପତି ସୁକାନ୍ତ ନାୟକ, ସାଗର ନାୟକ, ପ୍ରଭାତ ଦାଶ, ସ୍ମିତାରାଣୀ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ମିଶ୍ର, ଉପସଭାପତି ମମତା ପ୍ରିୟଦର୍ଶିନୀ ଦାଶ, ସିଆର୍‌ସିସି ସଂଯୁକ୍ତା ମହାପାତ୍ର, ପ୍ରାକ୍ତନ ସିଆର୍‌ସିସି ରମେଶ ଚନ୍ଦ୍ର ଦାସ, ଶିକ୍ଷାବିତ୍ ଚୈତନ୍ୟ ମହାନ୍ତି ପ୍ରମୁଖ ଅତିଥିମାନେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଉମେଶ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର ନାୟକ ଓ ସିଆର୍‌ସିସି ସଂଯୁକ୍ତା ମହାପାତ୍ର ସଂଯୋଜନା କରିଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସହିତ ଖେଳ, କସରତ, ଅଭିନୟ ପ୍ରତି ସ୍ୱତନ୍ତ୍ର ରୁଚି ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହାସହିତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ବିଶ୍ୱରଞ୍ଜନ ପ୍ରଧାନ ଏବଂ ଉକ୍ତ ସ୍କୁଲର ପୂର୍ବତନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଦାସଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସୁଶାନ୍ତ କୁମାର ରଥ, ଚୌଧୁରୀ ପ୍ରିୟଦର୍ଶୀ ସାହୁ, ଶିକ୍ଷୟିତ୍ରୀ ପୁଷ୍ପାରାଣୀ ମହାପାତ୍ର, ଶୁଭସ୍ମିତା ଷଡ଼ଙ୍ଗୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପର୍ଯ୍ୟଟକ ବସ୍ ଧକ୍କାରେ ଯୁବକ ମୃତ

ଗୋପ,୨୧।୩(ସମିସ): ଶନିବାର ଅପରାହ୍ଣ ୧ଟା ସମୟରେ କୋଲକାତାରୁ ଆସିଥିବା କେତେକ ପର୍ଯ୍ୟଟକ କୋଣାର୍କ ବୁଲି ଭୁବନେଶ୍ୱର ଅଭିମୁଖେ ବସ୍ ଯୋଗେ ଫେରୁଥିବା ସମୟରେ ଗୋପ ସେବା ନର୍ସିଂ ହୋମ୍ ନିକଟରେ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିବାବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ କୋଣାର୍କ ଥାନା ଅଧୀନସ୍ଥ ବନାଖଣ୍ଡି ଗ୍ରାମ ପଞ୍ଚାୟତର ଯନ୍ତନା ଗ୍ରାମର ଭଗବାନ ମଲ୍ଲିକଙ୍କ ପୁଅ ପ୍ରଶାନ୍ତ ମଲ୍ଲିକ ବୋଲି ଜଣାପଡ଼ିଛି। ଫଳରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ପ୍ରକାଶ ଯେ, ପ୍ରଶାନ୍ତ ଭୁବନେଶ୍ୱରରେ ଚିକିତ୍ସାଧୀନ ତାଙ୍କ ବାପାଙ୍କୁ ଦେଖି ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଗୋପ ପୂର୍ତ୍ତ ବିଭାଗ ରାସ୍ତାର ସେବା ନର୍ସିଂ ହୋମ୍ ନିକଟରେ ପଶ୍ଚିମବଙ୍ଗ ଅଞ୍ଚଳର ପର୍ଯ୍ୟଟକଙ୍କୁ ନେଇ ଆସିଥିବା ବସ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପ୍ରଶାନ୍ତଙ୍କର ମୃତ୍ୟୁ ଘଟିଥିଲା।



ଏହି ଘଟଣାକୁ ନେଇ କିଛି ସମୟ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଗୋପ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ମହାପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁର୍ଘଟଣା ଘଟାଇଥିବା ପଶ୍ଚିମବଙ୍ଗ ଅଞ୍ଚଳର ଯାତ୍ରୀବାହୀ ବସ୍‌କୁ ନିମାପଡ଼ା ପୁଲିସ ଜବତ କରି ତଦନ୍ତ ଜାରି ରଖିଛି।

## ଅନୁସୂଚିତ ବର୍ଗର ମହିଳାଙ୍କୁ କନ୍ଦ ଫସଲ ପ୍ରଶିକ୍ଷଣ

ଡେଲାଙ୍ଗ,୨୧।୩(ସମିସ): ଡେଲାଙ୍ଗ ବ୍ଲକ୍ ଧାନକେରା ଗ୍ରାମରେ ଅନୁସୂଚିତ ବର୍ଗର ମହିଳାଙ୍କ ନିମନ୍ତେ କନ୍ଦ ଫସଲ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନେ କୃଷି କ୍ଷେତ୍ରରେ ଅଗ୍ରଗତି ଲାଭ କରିବା ଲକ୍ଷ୍ୟ ନେଇ ଧାନକେରା ପଞ୍ଚାୟତରେ କାର୍ଯ୍ୟରତ ମହିଳା ବିକାଶ ସମିତି ଓ ଭାରତ ସରକାରଙ୍କ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମହିଳା କୃଷି ଗବେଷଣା ସଂସ୍ଥାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ପ୍ରଶିକ୍ଷଣ ଶିବିରରେ ଅଞ୍ଚଳର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ବର୍ଗର ମହିଳା ଅଂଶ ଗ୍ରହଣ କରିଥିଲେ। ଏହି ଶିବିରରେ କେନ୍ଦ୍ରୀୟ ମହିଳା କୃଷି ଗବେଷଣା ସଂସ୍ଥାନର ବୈଜ୍ଞାନିକ ଡ. ତାନିଆ ସେଠ୍ ଓ ଡ. ସଞ୍ଜୟ କୁମାର ମହିଳାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଭାରତ ସରକାରଙ୍କ ଏହି ଅଭିନବ ଓ ଉଚ୍ଚକୋଟିର କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। ପ୍ରଶିକ୍ଷଣର ଅନ୍ତିମ ଦିବସରେ ଅଂଶ ଗ୍ରହଣ କରିଥିବା ମହିଳାମାନଙ୍କୁ ବିଭିନ୍ନ କିସମର ପନିପରିବା ଯଥା- କନ୍ଦମୂଳ, ଆଳୁ, ଖମ୍ବଆଳୁ ଆଦିର ପୁଷ୍ଟିକର ଉପକାରିତା ଓ ଚାଷ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଉଲ୍ଲାସ ଚନ୍ଦ୍ର ନାୟକ ପରିଚାଳନା କରିବା ସହିତ ଏଥିରେ ଅଂଶ ଗ୍ରହଣ କରିଥିବା ସମସ୍ତ ମହିଳାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିକୁଦ ମହୋତ୍ସବ; ମନ ଜିଣିଲା ଗୋଟିପୁଅ ନୃତ୍ୟ



କୃଷ୍ଣପ୍ରସାଦ,୨୧।୩(ସମିସ): କୃଷ୍ଣପ୍ରସାଦ ବ୍ଲକ୍ ଅଲଣ୍ଡା ବାଲିଗୋଠ ମେଳଣ ପଡ଼ିଆରେ ଦ୍ୱିତୀୟ ବାର୍ଷିକ ପାରିକୁଦ ମହୋତ୍ସବ ଅନୁଷ୍ଠିତ ହୋଇଛି। ପାଟ ପାଟପଟୁଆରରେ ୪୨ ମୌଜାରୁ ୧୬ ଠାକୁର ଆସି ଏହି ପୀଠରେ ପହଞ୍ଚି ନିଜ ଆସନ ଅଳଙ୍କୃତ କରିଥିଲେ। ଠାକୁରଙ୍କ ପ୍ରତିନିଧି ଭାବେ ୪୨ମୌଜା ସଭାପତି କୈଳାଶ ଚନ୍ଦ୍ର ପଟ୍ଟନାୟକ ଏବଂ କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ଜେନା ନିମନ୍ତ୍ରଣ ନେଇଥିଲେ। ପାରିକୁଦ ରାଜାସାହେବ ସନ୍ତୋଷ କୁମାର ମାନସିଂହ ବିଗ୍ରହମାନଙ୍କ ଦର୍ଶନ କରିଥିଲେ। ଏହି ମହୋତ୍ସବରେ ସମ୍ପାଦକ ପ୍ରଶାନ୍ତ ପଲେଇ, କୋଷାଧ୍ୟକ୍ଷ ମୋଚିରାମ ନାୟକ, ବାବୁଲା ନାୟକ, ପ୍ରାଣନାଥ ପଲେଇ, ଅଜୟ ପଲେଇ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ପାରମ୍ପରିକ ସମରକଳା ପାଇକ ପରିବେଷଣ ହୋଇଥିଲା। ପାଇକ ପରେ ଗୋଟିପୁଅ ନୃତ୍ୟ ହଜାର ହଜାର ଦର୍ଶକଙ୍କ ମନ ମୋହିଥିଲା।

## ମଙ୍ଗଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କାକଟପୁର/କୁଣ୍ଢେଇ,୨୧।୩(ସମିସ): ଶନିବାର କାକଟପୁରସ୍ଥିତ ଜଳସେଚନ ଡାକବଙ୍ଗଳାଠାରେ ୧୮ତମ ମଙ୍ଗଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଆସନ୍ତା ଏପ୍ରିଲ୍ ୨୪, ୨୫, ୨୬ ତାରିଖରେ ହେବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ମହୋତ୍ସବକୁ ପ୍ରତିବର୍ଷଠାରୁ ଚଳିତ ବର୍ଷ ଆହୁରି ବର୍ଣ୍ଣାଢ୍ୟ ଓ ରୁଚିବନ୍ତ କରାଯିବା ସହିତ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀ, ଓଡ଼ିଶାର ପାରମ୍ପରିକ ନୃତ୍ୟ ଓ ହାସ୍ୟ ଅଭିନେତାଙ୍କୁ ସ୍ଥାନ ଦିଆଯିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆୟୋଜକ କମିଟିର ସଭାପତି ବିଧାୟକ ଇଂ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା କମିଟି ସମ୍ପାଦକ ସ୍ୱାଧୀନ ନାୟକ, କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ, ଅଭ୍ୟର୍ଥନା କମିଟି ମୁଖ୍ୟ ତଥା କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ଜ୍ୟୋତିର୍ମୟ ଦଳାଇ, ସମାଜସେବୀ ଜ୍ଞାନରଞ୍ଜନ ସାହୁ, ହିମାଂଶୁ ଭୂଷଣ ଦୀକ୍ଷିତ, ସମରେନ୍ଦ୍ର ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, କ୍ଷେତ୍ରମୋହନ ଦାସ, ପ୍ରଦୀପ୍ତ କୁମାର ଦୀକ୍ଷିତ, ମାନସ ଦୀକ୍ଷିତ, ଶିବପ୍ରସାଦ ପାତ୍ର, ସରୋଜ ସାମଲ, ଶଙ୍କର ଦାସ, ମାନସ ସାମଲ, ଆଦିତ୍ୟ ରାଉତ, ଭାଗବତ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମହୋତ୍ସବ କିଭଳି ଭାବେ କାକଟପୁରରେ ଏକ ସ୍ୱତନ୍ତ୍ର ପରିଚୟ ପାଇପାରିବ ସେ ଦିଗରେ ଆଲୋକପାତ କରିଥିଲେ।



### ଯାମଳଗୋଦାରେ ନବନିର୍ମିତ ବିଦ୍ୟୁତ୍ ଷ୍ଟ୍ରକ୍‌ଚର କାହା ପାଇଁ

# ଦୂର ହେଉନି କଣାସବାସୀଙ୍କ ଅନ୍ଧାରୀ ଦୁର୍ଦ୍ଦଶା

କଣାସ,୨୧।୩(ସମିସ)



ପୁରୀ ଜିଲ୍ଲା କଣାସ ବ୍ଲକ୍‌କୁ ୧୯୭୫ ମସିହାରୁ ଖୋର୍ଦ୍ଧା ଗ୍ରୀଡ୍‌ରୁ ବିଦ୍ୟୁତ୍ ଯୋଗାଣ ହେଉଛି। ଦୀର୍ଘ ୪୦ କି.ମି. ବନ ପାହାଡ଼, ନଦୀ ଅତିକ୍ରମ କରି ବିଦ୍ୟୁତ୍ ଯୋଗାଣ ହେଉଥିଲା। ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେବା ଦ୍ୱାରା କଣାସ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ବାରମ୍ବାର ଦୀର୍ଘ ସମୟ ଅନ୍ଧାରରେ ରହୁଥିଲେ। ଏହାର ସ୍ଥାୟୀ ସମାଧାନ ପାଇଁ ବିଦ୍ୟୁତ୍ ଉପଭୋକ୍ତାମାନେ ବାରମ୍ବାର ଦାବି କରିବାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯାମଳଗୋଦାଠାରେ ଏକ ବିଦ୍ୟୁତ୍ ଷ୍ଟ୍ରକ୍‌ଚର ନିର୍ମାଣ କରି ପୁରୀ ଗ୍ରୀଡ୍‌ରୁ ବିଦ୍ୟୁତ୍ ଯୋଗାଇବା ପାଇଁ ମନସ୍ଥ କରି ଷ୍ଟ୍ରକ୍‌ଚର କରିଥିଲେ। ପୁରୀ ବିଦ୍ୟୁତ୍ ଗ୍ରୀଡ୍‌ରୁ ବ୍ରହ୍ମଗିରି, ଖଜୁରିଆ, ସାତପଡ଼ା, ପଣସପଦା ବିଦ୍ୟୁତ୍ ଯୋଗାଣ ପୂର୍ବରୁ ହେଉଥିବାବେଳେ ଖଜୁରିଆ ସବ୍‌ଷ୍ଟେସନକୁ ସେଥିରେ ଯୋଡ଼ିବାରୁ ଆବଶ୍ୟକୀୟ ମୁତାବକ ଯୋଗାଣ ପୁରୀ ଗ୍ରୀଡ୍ କରିପାରିଲା ନାହିଁ। ଯାହାଫଳରେ କି କଣାସ ଅଞ୍ଚଳକୁ ଯାମଳଗୋଦା ବିଦ୍ୟୁତ୍ ସବ୍‌ଷ୍ଟେସନକୁ ବିଦ୍ୟୁତ୍ ଯୋଗାଣ ହୋଇପାରିଲା ନାହିଁ। କଣାସବାସୀ ସେହି ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ସମ୍ପର୍କରେ କଣାସ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୁହନ୍ତି, ଯଦି ସାହୁପଡ଼ାର ଜାଳିଆପଡ଼ାଠାରେ ନିର୍ମାଣ କରାଯାଇଥିବା ବିଦ୍ୟୁତ୍ ସବ୍‌ଷ୍ଟେସନରୁ ଯାମଳଗୋଦା ସବ୍‌ଷ୍ଟେସନକୁ ବିଦ୍ୟୁତ୍ ସଂଯୋଗ କରାଯାଆନ୍ତା, ତାହେଲେ କଣାସ ଅଞ୍ଚଳକୁ ସଠିକ୍ ଭାବରେ ବିଦ୍ୟୁତ୍ ଯୋଗାଣ ହୋଇପାରନ୍ତା। ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏହି ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଦେବାକୁ କଣାସ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ଦାବି କରିଛନ୍ତି।

## ଜମି ଚିହ୍ନଟ ନେଇ ପ୍ରକ୍ରିୟା ଆରମ୍ଭ

# ନୂତନ ଚିନିକଳ ଆଶା ଉଜ୍ଜୀବିତ





ନୟାଗଡ଼,୨୧।୩(ସମିସ)

ନୟାଗଡ଼ରେ ନୂତନ ଚିନିକଳ ସ୍ଥାପନ ପାଇଁ ଆଶା ଉଜ୍ଜୀବିତ ହୋଇଛି। ଜମି ଚିହ୍ନଟ ନେଇ ଆଜିଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁରୁଣା ଚିନିକଳ ପୁନରୁଦ୍ଧାର କିମ୍ବା ନୂତନ ଚିନିକଳ ପ୍ରତିଷ୍ଠା ନୟାଗଡ଼ବାସୀଙ୍କ ଦୀର୍ଘଦିନ ସ୍ୱପ୍ନ ରହିଛି। ନିର୍ବାଚନ ସମୟରେ ନେତାମାନେ ଚିନିକଳ ପ୍ରତିଷ୍ଠା କରିବାକୁ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଛନ୍ତି। ୨୦୨୪ ନିର୍ବାଚନ ସମୟରେ ଚିନିକଳ ପ୍ରତିଷ୍ଠା କରିବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ୨୦୨୪ ଡିସେମ୍ବର ମାସ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଚିନିକଳ ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କର ଓଡ଼ିଶା ଗସ୍ତ ସମୟରେ ନୟାଗଡ଼ରେ ଚିନିକଳ ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ ଘୋଷଣା କରିଥିଲେ। ଶନିବାର ଇଣ୍ଡିଆନ୍ ପଟାସ୍ ଲିମିଟେଡ୍‌ର ଟେରକ୍ନିସିଆନ୍ ମନୀଷ ତ୍ୟାଗୀ, ଡେପୁଟି ଜେନେରାଲ୍ ମ୍ୟାନେଜର୍ ସଞ୍ଜୀବ ସିହ୍ନା, ଢେଙ୍କାନାଳ ଚିନିକଳର ମ୍ୟାନେଜିଂ ଡାଇରେକ୍ଟର ବିକାଶ କୁମାର ଚୌଧୁରୀ, ରାଜ୍ୟ ସମବାୟ ବିଭାଗ ଅଧିକାରୀ ଏବଂ ସାଂସଦ ସମ୍ବିତ ପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ ସମୀକ୍ଷା ବୈଠକ କରି ଆଲୋଚନା କରିଛନ୍ତି। ଦୀର୍ଘ ଏକ ଘଣ୍ଟା ଆଲୋଚନା ପରେ ଜମି ଚିହ୍ନଟ ପାଇଁ ବିଭିନ୍ନ ସ୍ଥାନ ପରିଭ୍ରମଣ କରିଛନ୍ତି। ଚିନିକଳ ସ୍ଥାପନ ପାଇଁ ୭୦ ଏକର ଜାଗା ଆବଶ୍ୟକତା ଥିବାରୁ ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମ୍ପାଦାର, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ ପ୍ରମୁଖଙ୍କ ସହିତ ଉଭୟ ଟିମ୍ ବିଭିନ୍ନ ଜାଗା ବୁଲି ଦେଖିଛନ୍ତି। ପ୍ରଥମେ ପାଣିପୋଇଲା ନିକଟ ଡ୍ୟାମ ପାଖରେ ଥିବା ସ୍ଥାନ ଦେଖିଥିଲେ। ପରେ ନୟାଗଡ଼ ବ୍ଲକ ଗମେଇ ନିକଟରେ ଥିବା ଅନ୍ୟ ଏକ ସ୍ଥାନ ଦେଖିଥିଲେ। ଏହା ସହ ଆଗାମୀ ଦିନରେ ଅନ୍ୟ ସ୍ଥାନ ମଧ୍ୟ ପରିଦର୍ଶନ କରିବା ଯୋଜନା ରହିଛି। ନୟାଗଡ଼ ଚିନିକଳ ଉପରେ ବିଭିନ୍ନ ମାମଲା ଥିବା ବେଳେ ଏହା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏହାର ପୁନରୁଦ୍ଧାର ପରିବର୍ତ୍ତେ ନୂତନ ଚିନିକଳ ପ୍ରତିଷ୍ଠା ଠିକ୍ ହେବ ବୋଲି ଟିମ୍ ଅନୁଭବ କରିଛି। କେଉଁ ସ୍ଥାନରେ ନୂତନ ଚିନିକଳ ନିର୍ମାଣ ହେବ ତାହା ସର୍ଭେ ପରେ ନିଷ୍ପତ୍ତି ବୋଲି ଟିମ୍ ଅଧିକାରୀମାନେ କହିଛନ୍ତି। ଆଇପିଏଲ୍ ଢେଙ୍କାନାଳ ସୁଗାର୍ ମିଲ୍ ଏବଂ କଳାହାଣ୍ଡିରେ ଥର୍ମାଲ୍ ପ୍ଲାଣ୍ଟ ଚଳାଉଥିବାରୁ ନୟାଗଡ଼ରେ ଅତିଶୀଘ୍ର ଚିନିକଳ କାର୍ଯ୍ୟ ଆରମ୍ଭ ହେବ ବୋଲି ସସସ୍ତେ ଆଶା ରଖିଛନ୍ତି।

### ପାଣିପୋଇଲାରେ ନିର୍ମାଣ ପାଇଁ ଲୋକଙ୍କ ଦାବି

ନୟାଗଡ଼ ଜିଲ୍ଲା ପାଣିପୋଇଲାରେ ନୂତନ ଚିନିକଳ ସ୍ଥାପନ ପାଇଁ ଦୀର୍ଘଦିନରୁ ସ୍ଥାନୀୟ ବାସିନ୍ଦା ଦାବି କରି ଆସୁଛନ୍ତି। ଏହାସହ ଚିନିକଳ କ୍ରିୟାନୁଷ୍ଠାନ କମିଟି ମଧ୍ୟ ଏ ନେଇ ବହୁ ପୂର୍ବରୁ ଦାବି କରି ଆସୁଛି। ପୁରୁଣା ଚିନକଳ ସହ ଲୋକଙ୍କ ଭାବାବେଗ ଯୋଡ଼ି ହୋଇ ରହିଛି। ପୁରୁଣା ଚିନିକଳକୁ ଲାଗି ରାସୋଳ ମୌଜାରେ ବହୁ ସରକାରୀ ଜମି ରହିଛି। ଏହି ସ୍ଥାନରେ ନୂତନ ଚିନିକଳ ସ୍ଥାପନ କଲେ ପାଣିର ଅଭାବ ମଧ୍ୟ ରହିବ ନାହିଁ। ନିକଟରେ ଥିବା ଡ୍ୟାମ୍ ଆବଶ୍ୟକତା ପୂରଣ କରିପାରିବ। ଏହାସହ ଏହି ସ୍ଥାନ ନୟାଗଡ଼ ଖଣ୍ଡପଡ଼ା ମୁଖ୍ୟ ରାସ୍ତାର ଅନତି ଦୂରରେ ଥିବାରୁ ଯାତାୟାତ ସୁବିଧା ମଧ୍ୟ ହେବ। ତେଣୁ ଏଠାରେ ଚିନିକଳ ସ୍ଥାପନ କରିବାକୁ ଦାବି ହେଉଛି।

## ଅଗ୍ନି ବିପନ୍ନ ପରିବାରକୁ ଭେଟିଲେ ବିଧାୟକ

**ଗଣିଆ,୨୧।୩(ସମିସ):** ଗଣିଆ ବ୍ଲକ ବେଲପଡ଼ାପାଟଣା ପଞ୍ଚାୟତ ରାଉତପଡ଼ା ଗ୍ରାମରେ ଶୁକ୍ରବାର ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୩ ବଖରା ଘର ସହ ନଗଦ ୨ ଲକ୍ଷ ଟଙ୍କା, ସୁନାରୁପା ଅଳଙ୍କାର, ଆସବାବପତ୍ର, ଧାନ ଚାଉଳ ପୋଡ଼ି ପାଉଁଶ ହୋଇଛି। ଗ୍ରାମର ପ୍ରତାପ ସାହୁ ଏବଂ ପ୍ରଦୀପ ବିଧାୟକଙ୍କୁ ଅବଗତ କରିଛନ୍ତି। ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ତହସିଲଦାର, ବିଡିଓଙ୍କ ସହ ଆଲୋଚନା କରି ତୁରନ୍ତ ପଟ୍ଟା ପ୍ରଦାନ କରିବାକୁ ଚେଷ୍ଟା କରିବେ ବୋଲି ବିଧାୟକ କହିଛନ୍ତି। ବିଧାୟକଙ୍କ ତରଫରୁ ବିପନ୍ନଙ୍କୁ ଲୁଗା, ଗାମୁଛା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଚୁଡ଼ା, ଚାଉଳ ଆଦି ପ୍ରଦାନ କରାଯାଇଛି।



ସାହୁଙ୍କ ଘରେ ନିଆଁ ଲାଗିଥିଲା। ବାସହୀନ ପରିବାର ଅଙ୍ଗନବାଡ଼ି କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ଶନିବାର ସନ୍ଧ୍ୟାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ପଟ୍ଟା ମିଳି ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପରିବାର ଲୋକେ ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ପୂର୍ବତନ କିଶୋର ପ୍ରସାଦ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା, ପୂର୍ବତନ ଆଡ଼କଟା ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ, ବିଜେଡି ବେଲପଡ଼ାପାଟଣା ପଞ୍ଚାୟତ ସଭାପତି ସୁଧାଂଶୁ ଗଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକ ଅଧିକାର ଅଭିଯାନକୁ ସ୍ୱାଗତ



ନୟାଗଡ଼,୨୧।୩(ସମିସ): ଜମି ଜଳ ଜଙ୍ଗଲର ସୁରକ୍ଷା ଓ ଲୋକ ଅଧିକାରର ସୁରକ୍ଷା ପାଇଁ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟଙ୍କ ନେତୃତ୍ୱରେ ଚାଲିଥିବା ରାଜ୍ୟବ୍ୟାପୀ ଅଭିଯାନ କ୍ରମେ ଆଜି ନୟାଗଡ଼ରେ ପହଞ୍ଚିବା ଅବସରରେ କେସିକ୍ଲବଠାରେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଓ ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକୃତି ବନ୍ଧୁ ସୁକାନ୍ତ ଚୌଧୁରୀ ଓ କୃଷକ ନେତା ପବିତ୍ର ଇନ୍ଦ୍ରଜିତ ଅଭିଯାତ୍ରୀ ଦଳକୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍?ାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କର୍ପୋରେଟ୍ ପୁଞ୍ଜିର ସ୍?ାର୍ଥ ସାଧନ ପାଇଁ ଜମି ଜଳ ଜଙ୍ଗଲ ଉପରେ ଚାଲିଥିବା ପ୍ରାୟୋଜିତ ଆକ୍ରମଣ ଯେ କେତେ ବଡ଼ ଦାନବୀୟ କ୍ଷତି କରିଚାଲିଛି ଆଉ କେନ୍ଦ୍ର ଓ ରାଜ୍ୟ ସରକାର ଏହାର ମୁଖ୍ୟ ପୃଷ୍ଠପୋଷକ ସାଜିଛନ୍ତି, ଏହାର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥିଲେ ଆନ୍ଦୋଳନର ମୁଖ୍ୟ ସାମନ୍ତରାୟ। ଶିକ୍ଷାବିତ ଅନାଦି ଚରଣ ମହାନ୍ତି ଅଭିଯାନକୁ ସଫଳ କରିବାକୁ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଅଭିଯାତ୍ରୀ ଦଳର ଅନ୍ୟତମ ନେତୃତ୍ୱ ଶ୍ରୀଯୁକ୍ତ ବିଶ୍ୱଜିତ ଏବଂ ନରେନ୍ଦ୍ର ମହାନ୍ତି ମଞ୍ଚାସୀନ ହୋଇ ସମ୍ବର୍ଦ୍ଧନାର ଉତ୍ତର ଦେଇଥିଲେ।

**ଗଣିଆ:** ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଲୋକଶକ୍ତି ଅଭିଯାନ ତରଫରୁ ଲୋକ ଅଧିକାର ଯାତ୍ରା ଅନୁଷ୍ଠିତ ହେଉଛି। ଏହି ଯାତ୍ରା ଫେବୃଆରୀ ୨୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏକ ବସ୍ ଯୋଗେ ଓଡ଼ିଶାର ୨୧ ଜିଲ୍ଲା ପରିଭ୍ରମଣ କରି ଶନିବାର ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ପହଞ୍ଚିଥିଲେ। ଗଣିଆ ବ୍ଲକର ଗାନ୍ଧୀ ଛକରେ ପଥପ୍ରାନ୍ତ ସଭା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ପ୍ରାକୃତିକ ସମ୍ପଦର ସୁରକ୍ଷା, ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ରାଷ୍ଟ୍ର ଦମନ ବନ୍ଦ କରିବା, ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା, ବ୍ୟାପକ ନିଯୁକ୍ତି ସୃଷ୍ଟି, ନୂତନ ବକ୍ସାଇଟ ଖଣି ଖନନକୁ ସମ୍ପୂର୍ଣ୍ଣ ନିଷେଧ, ରାଜ୍ୟକୁ ପ୍ରଦୂଷଣମୁକ୍ତ କରିବା, ବିକାଶ ନାମରେ ଜଳ, ଜଙ୍ଗଲ ଓ ଜମିକୁ ଶେଷ ନ କରିବା ତଥା ଆଦିବାସୀ ଦଳିତଙ୍କ ସାମ୍ବିଧାନିକ ଅଧିକାରକୁ କାର୍ଯ୍ୟକାରୀ କରିବାକୁ ସେମାନେ ସଚେତନ କରିଥିଲେ। ରାଜନୈତିକ ନେତା, କର୍ମୀ, ବୁଦ୍ଧିଜୀବୀ, ପ୍ରଶାସକ ଓ ନାଗରିକ ମାନେ ଜାଗ୍ରତ ହେବା ପାଇଁ ଏହି ଯାତ୍ରା ମାଧ୍ୟମରେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶ ବିତ୍ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ଜନ ଆନ୍ଦୋଳନ ଓଡ଼ିଶା ଶାଖା ଆବାହକ ନରେନ୍ଦ୍ର ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ବୀର ପ୍ରତାପ ଦାଶ, ଜନସ୍ୱାସ୍ଥ୍ୟ ଅଭିଯାନର ଆବାହକ ଗୌରାଙ୍ଗ ମହାପାତ୍ର, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ସାମାଜିକ କର୍ମୀ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ରାଜ୍ୟ ତୈଳିକ ବୈଶ୍ୟ ମହାସଭା ଉଦ୍‌ଘାଟିତ



ଭାପୁର,୨୧।୩(ସମିସ): ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ କଲ୍ୟାଣ ମଣ୍ଡପରେ ଶନିବାର ସନ୍ଧ୍ୟାରେ ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ମହାସଭା ଉଦଘାଟିତ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ଶନିବାର ସନ୍ଧ୍ୟାରେ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଛି। ରବିବାର ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ସ୍ଥାନରୁ ତୈଳିକ ବୈଶ୍ୟ ସମାଜର ଶତାଧିକ ବ୍ୟକ୍ତି ଯୋଗଦେଇଛନ୍ତି।

## ଫତେଗଡ଼ ରାମ ମନ୍ଦିରରେ ଆୟୋଜିତ 'ମର୍ଯ୍ୟଦା'ର ତୃତୀୟ ସନ୍ଧ୍ୟା



ଭାପୁର,୨୧।୩(ସମିସ): ଫତେଗତ ଶ୍ରୀରାମ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ମନ୍ଦିର ପରିଚାଳନା କମିଟି ତରଫରୁ 'ମର୍ଯ୍ୟାଦା' କାର୍ଯ୍ୟକ୍ରମ ନବଦିନ ବ୍ୟାପୀ ଆୟୋଜିତ ହେଉଛି। ଶନିବାର ତୃତୀୟ ସନ୍ଧ୍ୟାରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନରେ ଶ୍ରୀରାମଚନ୍ଦ୍ରଙ୍କ ଶିବଧନୁ ଭଙ୍ଗ, ସୀତା ବିବାହ ବିଷୟରେ ପ୍ରବଚକ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତି ଗୌରବ ସଚ୍ଚିଦାନନ୍ଦ ମହାରାଜ ବିସ୍ତୃତ ଭାବେ ପରିବେଷଣ କରିଥିଲେ। ଶୁକ୍ରବାର ସକାଳେ ସୂର୍ଯ୍ୟପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଭଜନ ପରିବେଷଣ ପରେ ପାରାୟଣ ପ୍ରବଚନ ହୋଇଥିଲା। ବ୍ୟାସ ଭାବେ ସୂର୍ଯ୍ୟନାରାୟଣ ଦେଓ, ଆଚାର୍ଯ୍ୟ ଶ୍ରୀନିବାସ ଦାଶ ରହିଥିଲେ। ମନ୍ଦିର ମୁଖ୍ୟ ପୂଜକ ସୁଶାନ୍ତ କୁମାର କର ସାଧୁସନ୍ଥମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ହଣାହଣି ହୋଇ ମା' ଓ ଝିଅ ଗୁରୁତର

**ନୟାଗଡ଼,୨୧।୩(ସମିସ):** ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା କଲ୍ୟାଣପୁର ଗାଁରେ ଶନିବାର ମା' ଓ ଝିଅ ହଣାହଣି ହୋଇ ଗୁରୁତର ହୋଇଛନ୍ତି। ଉଭୟଙ୍କ ମାନସିକ ଅବସ୍ଥା ଠିକ ନ ଥିଲା ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ମା' କୁନି ସାହୁ ଓ ଝିଅ ପଦ୍ମାବାତୀ ସାହୁଙ୍କ ମଧ୍ୟରେ କୌଣସି କାରଣ ନେଇ ଗଣ୍ଡଗୋଳ ହୋଇଥିଲା। ମାରଣାସ୍ତ୍ରରେ ଉଭୟ ପରସ୍ପରକୁ ଆକ୍ରମଣ କରିବାରୁ ପରିସ୍ଥିତି ଭୟଙ୍କର ହୋଇଥିଲା। ରକ୍ତାକ୍ତ ଅବସ୍ଥାରେ ମା' ଓ ଝିଅଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ଗୋଷ୍ଠିଗତ ଦିବ୍ୟାଙ୍ଗ ସଚେତନତା ଶିବିର



**ଓଡ଼ଗାଁ,୨୧।୩(ସମିସ):** ଓଡ଼ଗାଁ ବ୍ଲକ ରାବରା ପଞ୍ଚାୟତ ସଭାଗୃହରେ ଶୁକ୍ରବାର ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ତରଫରୁ ଗୋଷ୍ଠିଗତ ଦିବ୍ୟାଙ୍ଗ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସହଜରେ ଚିହ୍ନଟ କରିବା, ସେମାନଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ବ୍ୟବସ୍ଥା କରିବା, ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା, ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସୁବିଧା ବିଷୟରେ ଡିଡିଆରସିର ସ୍ୱତନ୍ତ୍ର ଶିକ୍ଷକ ରାମେଶ୍ୱର ପାତ୍ର ବୁଝାଇଥିଲେ। ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମମାନେ ରାଜ୍ୟ ସରକାରଙ୍କଠାରୁ ମିଳୁଥିବା ମଧୁବାବୁ ପେନସନ ଯୋଜନାରେ କିପରି ସାମିଲ ହେବେ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ସହାୟତା ଓ ସେମାନେ କିପରି ପାଠ ପଢ଼ିପାରିବେ ସେ ନେଇ ରାବରା ସରପଞ୍ଚ କୃଷ୍ଣଚନ୍ଦ୍ର ସେନାପତି ବୁଝାଇଥିଲେ। ଶିବିରରେ ରାବରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରହଲ୍ଲାଦ ପ୍ରଧାନ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ମାନସିକ ଅନଗ୍ରସର ବିଭାଗ ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ସାଗରିକା ସାହୁ, ଫିଜିଓଥେରାପିଷ୍ଟ ଡା. ଅଭିଲାଷ ଦାଶ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିଶେଷଜ୍ଞ ଡା. ପ୍ରଭୁଦତ୍ତ ପଣ୍ଡା ଯୋଗଦେଇଥିଲେ।

## ଇଦ୍-ଉଲ୍-ଫିତର୍ ପର୍ବ ପାଳିତ



**ନୟାଗଡ଼,୨୧।୩(ସମିସ):** ମାସାଧିକ କାଳ କଠିନ ବ୍ରତ ପରେ ଶୁକ୍ରବାର ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ପରେ ସିନ୍ଦରିଆ ମୁସଲିମ ଭାଇ ଭଉଣୀମାନେ ଶନିବାର ଇଦ୍-ଉଲ୍-ଫିତର୍ ପର୍ବ ପାଳନ କରିଛନ୍ତି। ଏହି ଅବସରରେ ଘରେ ଘରେ ଲଚ୍ଛା, ସିମିଆ ଓ ସର୍ବତ ପ୍ରସ୍ତୁତ କରାଯିବା ସହ ଭୋଜିଭାତ ହୋଇଥିଲା। ପୁରୁଷମାନେ ସକାଳୁ ନିତ୍ୟକର୍ମ ସାରି ନୂତନ ପୋଷାକ ପରିଧାନ କରି ଇଦ୍ ନମାଜ ପାଇଁ ଇଦଗାହ୍ ଅଭିମୁଖେ ବାହାରିଥିଲେ। ମୌଲାନା ତଥା ଧର୍ମଗୁରୁ ଜଲାଲୁଦ୍ଦିନ୍ ମିଫତାହି ଇଦ୍ ନମାଜ ପଢ଼ାଇଥିଲେ। ନୟାଗଡ଼ ସହର, ସିନ୍ଦୂରିଆ ତଥା ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ସାମୂହିକ ନମାଜ ପାଠ କରି ନିଜ ପାପର କ୍ଷମା ପ୍ରାର୍ଥନା ସହିତ ବିଶ୍ୱ କଲ୍ୟାଣ ଓ ଦେଶ ତଥା ସମାଜର ଭାଇଚାରା ଏବଂ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ବିଧାୟକ ଡ. ଅରୁଣ କୁମାର ସାହୁ, ରଣଜିତ୍ ଦାଶ ପ୍ରମୁଖ ଓ ସିନ୍ଦୂରିଆ ଗ୍ରାମରେ ପହଞ୍ଚି ମୁସଲିମ ଭାଇମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ମା' ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଶରଣକୁଳ,୨୧।୩(ସମିସ):** ଶରଣକୁଳ ଭିକାରିପଡ଼ାରେ ପ୍ରତିଷ୍ଠିତ ମା' ତାରିଣୀ ଦେବୀଙ୍କ ପୀଠରେ ତିନି ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ଆରମ୍ଭ ହୋଇଥିବା ବେଳେ ଶନିବାର ପୂର୍ଣ୍ଣାହୁତି ହୋଇଛି। ଗୁରୁବାର ସକାଳେ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ପୀଠରେ ଅଙ୍କୁରରୋପଣ କରାଯାଇ ନିକଟସ୍ଥ କୁସୁମୀ ନଦୀରୁ ଗ୍ରାମର ମହିଳା ଓ ପୁରୁଷ ମିଶି ୧୦୮ କଳସ ଜଳ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହିତ ଲଡୁବାବାଙ୍କ ମନ୍ଦିର ବେଢ଼ା ବୁଲି ମା'ଙ୍କ ପୀଠରେ ପହଞ୍ଚି ଘଟ ସ୍ଥାପନ କରିଥିଲେ। ଶୁକ୍ରବାର ସକାଳେ ପୂଜାର୍ଚ୍ଚନା କରାଯାଇ ଯଜ୍ଞକୁଣ୍ଡରେରେ ଅଗ୍ନି ସ୍ଥାପନ ପୂର୍ବକ ସମସ୍ତ ଦେବାଦେବୀଙ୍କୁ ଘୃତାହୂତି ପ୍ରଦାନ କରାଯାଇଥିଲା। ଦୁଇଦିନ ଧରି ଆଖ ପାଖ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିବା ବେଳେ ଶୁକ୍ରବାର ଅପରାହ୍ନ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୌରାଣିକ ନାଟକ ରାବଣ ବଦ୍ଧ ଓ ଶନିବାର ଅପରାହ୍ନରେ ପୌରାଣିକ ନାଟକ ସୀତାଚୋରି ପରିବେଷଣ କରାଯାଇଥିଲା।

### ● ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ବୋଦସା



**କଣ୍ଟିଲୋ,୨୧।୩(ସମିସ):** ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡ଼ିଆରେ ଚାଲିଥିବା ଗ୍ରୀଷ୍ମକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ ଗୋଲାସାହି (ବୋଦସା) ଓ ଲକ୍ଷ୍ମୀପ୍ରସାଦ (ନୂଆଗାଁ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋଦସା ଟିମ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଲକ୍ଷ୍ମୀପ୍ରସାଦକୁ ଏକତରଫା ଭାବେ ୧୦ ଉଇକେଟରେ ପରାସ୍ତ କରିଛି ବୋଦସା ଦଳ। ୧୫ ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିତି ଲକ୍ଷ୍ମୀପ୍ରସାଦ ଦଳ ପ୍ରଥମେ ବ୍ୟାଟିଂ କରି ୧୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଥିଲା। ବୋଦସା ଗଳ କୌଣସି ଉଇକେଟ ନ ହରାଇ ମାତ୍ର ୫.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିଜୟୀ ଦଳର ବଳିଆ ସାହୁ ୧୩ ବଲରୁ ଦ୍ରୁତ ୩୪ ରନର ଇନିଂସ ଖେଳି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଅମ୍ପାୟର ସମୀର ଦଳେଇ ଓ ସନ୍ତୋଷ ବେହେରା ମ୍ୟାଚ ପରିଚାଳନା କରିଥିଲେ। ରାଜେନ୍ଦ୍ର ଦଳେଇ ଓ ଆଶୁତୋଷ ବାରିକ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ରାଜା ଦଳେଇ ଓ ସନ୍ତୋଷ ବେହେରା ସ୍କୋର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ମାନସ କୁମାର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବରୁଣେଇ ଓ ବଡ଼ବାଣପୁର ଦଳ ମଧ୍ୟରେ ଖେଳାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

### ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

# ବିଲୁପ୍ତ ଜଙ୍ଗଲ ଓ ପ୍ରାଣୀ ସୁରକ୍ଷା ପାଇଁ ସଙ୍କଳ୍ପ

ଓଡ଼ଗାଁ,୨୧।୩(ସମିସ)



ନୟାଗଡ଼ ବନଖଣ୍ଡ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ଶନିବାର ଓଡ଼ଗାଁ ବନାଞ୍ଚଳ କୋମଣ୍ଡ ପଲିଟେକ୍ନିକ କଲେଜ ପରିସରରେ ଆୟୋଜିତ ହୋଇଛି। ଚଳିତ ବର୍ଷ "ଜଙ୍ଗଲ ଏବଂ ଅର୍ଥନୀତି' ବିଷୟକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଲୁପ୍ତ ହେଉଥିବା ଜଙ୍ଗଲ, ବନ୍ୟପ୍ରାଣୀ, ପକ୍ଷୀ ଓ ମୃତ୍ତିକାର ପୁନରୁଦ୍ଧାର ପାଇଁ ସମସ୍ତେ ସଙ୍କଳ୍ପ ନେଇଥିଲେ। କଲେଜ ଅଧ୍ୟକ୍ଷ ସର୍ବେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ସହକାରୀ ବନ ସଂରକ୍ଷକ ହିମାଂଶୁ ଶେଖର ମୁଦୁଲି, ଡ. ସତ୍ୟଜିତ କର, ଅମ୍ରିତ କୁମାର ସାହୁ, ଚୂଡ଼ାରାଣୀ ମୁର୍ମୁ, ସେତୁ ରଜନୀ ଗମାଙ୍ଗ ଓ ପ୍ରକୃତିବନ୍ଧୁ କବି ପ୍ରଫୁଲ୍ଲ ମାଝି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ଜଙ୍ଗଲକୁ ବିକଳ୍ପ ଅର୍ଥନୀତିର ମୂଳ ମାଧ୍ୟମ ଭାବେ ଗଢ଼ି ତୋଳିବା ଉପରେ ଜୋର ଦେଇଥିଲେ। ଜଙ୍ଗଲ ଅଞ୍ଚଳରେ ଇକୋ ଟୁରିଜିମ୍ ବିକାଶ ହେଲେ ସ୍ଥାନୀୟ ଲୋକଙ୍କ ପାଇଁ କାମ ସୃଷ୍ଟି ହେବା ସହ ରୋଜଗାର ବୃଦ୍ଧି ଓ ଆତ୍ମନିର୍ଭରତା ବଢ଼ିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାର ୩ ଶହରୁ ଅଧିକ ବନ ସୁରକ୍ଷା ସମିତି ମଧ୍ୟରୁ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଗୋଛାର ମା' ବାଦେରୀ, ବାଣ୍ଡପୁର ମା' ଅନ୍ଧାରବାଉତୀ, ଭୋବସର ମା' ଅନ୍ଧାରବାଉତୀ, ଅଁଳାପାଟ ଯୋଗିଯୋଗିଆଣୀ, ଚଢ଼କମରା ମା' ବନଦୁର୍ଗା, ଫଂପଡ଼ା ବାଲୁଙ୍କେଶ୍ୱର ମହାଦେବ, ମହିପୁର ବାରପଲ୍ଲା, ମହୁକଣ ମା' ମଙ୍ଗଳା ଓ ନେନ୍ଦିରିଝରୀକୁ ପୁରସ୍କୃତ କରାଯାଇଥିଲା। ଏଥିସହ ଆୟୋଜନରେ ସହଯୋଗ କରିଥିବା ଶିକ୍ଷା ଭାରତୀ ଟ୍ରଷ୍ଟକୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ "ପରିବେଶ ଓ ପର୍ଯ୍ୟଟନ' ଉପରେ ଚିତ୍ରାଙ୍କନ, "ଜଙ୍ଗଲ ସୁରକ୍ଷା ଆମର ଦାୟିତ୍ୱ' ବିଷୟରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୯ ଜଣ ପ୍ରତିଯୋଗୀଙ୍କୁ ଅତିଥି ସମ୍ମାନିତ କରିଥିଲେ। ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଞ୍ଚାନନ ପଣ୍ଡା ଓ ରଞ୍ଜନ କୁମାର ଦାଶ ସଂଯୋଜନା କରିଥିଲେ। ଶେଷରେ ପଲିଟେକ୍ନିକ ଜନସମ୍ପର୍କ ଅଧିକାରୀ ଗୋଲକ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

### ୯ ବନ ସୁରକ୍ଷା ସମିତି ପୁରସ୍କୃତ

### ରାଜ୍ୟ ସ୍ତରରେ ସମ୍ବର୍ଦ୍ଧିତ ହେଲେ ବନରକ୍ଷୀ



**ନୟାଗଡ଼,୨୧।୩(ସମିସ):** ବିଶ୍ୱ ବନ ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଲୋକସେବା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥି ବାବେ ଜଙ୍ଗଲ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପିସିସିଏଫ୍‌ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଓ ପରିଚାଳନା ପାଇଁ ନୟାଗଡ଼ ବନରକ୍ଷୀ ଜିତେନ୍ଦ୍ର କୁମାର ବେହେରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ନୟାଗଡ଼ ବନାଞ୍ଚଳ ଅଧୀନରେ କାର୍ଯ୍ୟ କରୁଥିବା ଜିତେନ୍ଦ୍ରଙ୍କୁ ସ୍ୱର୍ଣ୍ଣପଦକ, ମାନପତ୍ର ସହ ୧୦ ହଜାର ଟଙ୍କା ପୁରସ୍କାର ମିଳିଛି।

# ପରସ୍ପରକୁ ଆଲିଙ୍ଗନ କରି ଭାଇଚାରାର ବାର୍ତ୍ତା ଦେଲେ

ଖୋର୍ଦ୍ଧା,୨୧।୩ (ସମିସ)

ଖୋର୍ଦ୍ଧାରେ ହର୍ଷୋଲ୍ଲାସ ଓ ଶାନ୍ତି, ସଦ୍ଭାବନାରର ସହ ଇଦ୍ ଉଲ ଫିତର ପାଳିତ ହୋଇଯାଇଛି। ଇସଲାମିକ ପଞ୍ଜିକାର ନବମ ମାସ ରମଜାନରେ ମାସେ ଧରି ରୋଜା ବା ଉପବାସ ପାଳନ କରିବା ପରେ ଦଶମ ମାସ ସିୱାଲର ପ୍ରଥମ ଦିନ ମୁସଲମାନ ସମୁଦାୟ ଏହି ପର୍ବ ପାଳନ କରିଥାନ୍ତି। ଶନିବାର ବିଭିନ୍ନ ମସଜିଦ୍ ଏବଂ ଇଦ୍‌ଘାହ ପଡ଼ିଆରେ ସାମୁହିକ

## ବିଭିନ୍ନ ସ୍ଥାନରେ ପବିତ୍ର ଇଦ୍-ଉଲ ଫିତର ପାଳିତ

ନମାଜ ପାଠ କରାଯାଇଥିଲା। ରମଜାନ ମାସରେ ୫ଥର ନମାଜ ପାଠ, ରୋଜା ଅର୍ଥାତ ଉପବାସ ରହି ସମାଜର ଦୀନ ଦରିଦ୍ର ଏବଂ ଅଭାବ କ୍ଲିଷ୍ଟ ବ୍ୟକ୍ତିଙ୍କୁ ଦାନ କରାଯାଏ। ଇସ୍‌ଲାମ ଧର୍ମର ୫ଟି ମୂଳମନ୍ତ୍ର ମଧ୍ୟରୁ ରୋଜା ତଥା ଉପବାସ ମାସର ମହତ୍ୱ ଓ ତାତ୍ପର୍ଯ୍ୟ ଅତି ଅଧିକ ହୋଇଥାଏ ବୋଲି କୁହାଯାଇଛି।

ନମାଜ ପରେ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା ଏବଂ ପରେ ପରେ ସମସ୍ତେ ପରସ୍ପରକୁ



ଆଲିଙ୍ଗନ ଓ କରମର୍ଦ୍ଦନ ପୂର୍ବକ ଇଦ୍‌ର ବଧେଇ ଦେଇଥିଲେ। ଏହା ପରେ ସମସ୍ତେ କବରସ୍ତାନକୁ ଯାଇ ନିଜ ମୃତ ପୂର୍ବଜଙ୍କୁ ଇଦ୍‌ର ବଧେଇ ଦେବା ସହ ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସମସ୍ତେ ନୂଆ ବସ୍ତ୍ର ଧାରଣ କରି ଦଳ ଦଳ ହୋଇ ନମାଜ ପାଇଁ ମସଜିଦ୍‌କୁ ଯାଇଥିଲେ। ପରେ ଗରିବ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ମଧ୍ୟ ବିତରଣ କରିଥିଲେ।

ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ ଇଦ୍‌ଘାପଡ଼ିଆ ଏବଂ ବିଭିନ୍ନ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରିଥିବା ଦେଖାଯାଇଛି। ଖୋର୍ଦ୍ଧା ଉପକଣ୍ଠ ତୋଟାପଡ଼ା, କାଇପଦର, ଶରଧାପୁର, ତରୁତୁଆ, କେରଙ୍ଗ, ବେଣାପଞ୍ଝରୀ, ତରାବୋଇ, ଖଜୁରୀପଡା, ମାଣିକାଗଡ଼ା, କୁଶପଲ୍ଲୀ, ଗୟାବନ୍ଧ, କଡ଼ବ, ରାଉତପଡ଼ା, ଖଜୁରିଆ, ଟାଙ୍ଗୀ ସମେତ ବିଭିନ୍ନ ଅଂଚଳରେ ଇଦ୍-ଉଲ ଫିତର ପର୍ବ ଧୂମଧାମରେ ପାଳିତ ହୋଇଛି। ଆଜିର ଦିନରେ କେତକ ମୁସଲାମାନ ଭାଇ ଭଉଣୀମାନେ ଦୁଃଖୀ, ଗରିବ ଏବଂ ଅସହାୟଙ୍କୁ ଦାନ ସୂତ୍ରରେ ବସ୍ତ୍ର ଓ ଖାଦ୍ୟ ପ୍ରଦାନ କରିଥିବା ଦେଖାଯାଇଛି। ତୋଟାପଡ଼ାଠାରେ ଧର୍ମଗୁରୁ ମୌଲାନା ରୌଫ୍ ସମୂହ ନମାଜ ପାଠ କରାଇଥିବାବେଳେ ଏଥିରେ ରାଜ୍ୟ ବାହାରେ ରହୁଥିବା ମୁସଲମାନ ସମ୍ପ୍ରଦାୟ ଲୋକେ ସାମିଲ ହୋଇଥିବା ଜଣାଯାଇଛି। ସେହିପରି ମୁକୁନ୍ଦପ୍ରସାଦ, ମାଛମାର୍କେଟ, ତରତୁଆ, ସରଧାପୁର, ବେଣାପଞ୍ଝୁରୀ ପ୍ରମୁଖ ମସ୍‌ଜିଦ୍‌ରେ ଧର୍ମଗୁରୁମାନେ ସମୂହ ନମାଜ ପାଠ କରାଇଥିଲେ। କେରଙ୍ଗ ଇଦଘାଠାରେ ମୌଲାନା ମିର ଅବଦୁଲ ହପିଜ ନମାଜ ପାଠ କରାଇଥିବା ଜଣାଯାଇଛି।

**ନିରାକାରପୁର** : ଇଦ୍ ଉଲ ଫିତର ଅବସରରେ ଖୋର୍ଦ୍ଧା ଜିଲ୍ଲାର ଗୟାବନ୍ଧ, ଖଜୁରୀପଡ଼ା, ଛଣଗିରି, କୁସୁମୀ ରାଉତପଡା ଅଞ୍ଚଳରେ ଥିବା ମସଜିଦମାନଙ୍କରେ ସମୁହ ନମାଜ ପାଠ, ଧର୍ମ ଆଲୋଚନା ହେବା ସହିତ ନୂଆ ବସ୍ତ୍ର ପିନ୍ଧି ଆବାଳ ବୃଦ୍ଧ ବନିତା ପର୍ବର ମଜା ନେଇଥିଲେ।



**ବାଲୁଗାଁ** : ଇସଲାମ ଧର୍ମର ପବିତ୍ର ରମ୍‌ଜାନ୍ ମାସରେ ବାଲୁଗାଁ-ବାଣପୁର ମୁସଲିମ୍ ସାହିରେ ବେଶ୍ ଆନନ୍ଦ ଉଲ୍ଲାସର ସହ ଶନିବାର ଇଦ୍-ଉଲ୍-ଫିତ୍‌ର ପର୍ବ ପାଳିତ ହୋଇଯାଇଛି। ବାଲୁଗାଁ ମୁସଲିମ୍ ସାହି, ବାଣପୁର ବଜାର ମୁସଲିମ୍ ସାହି, ବଡ଼ହନ୍ତୁଆଡ଼, ନୌସେନା ତାଲିମ୍ କେନ୍ଦ୍ର ଚିଲିକା ଛକ, ସଲପଡ଼ିହ ଓ ଦିକ୍ଷିତ ପଡ଼ା ଆଦି ମୁସଲିମ୍ ବସ୍ତିରେ ଅବସ୍ଥିତ ମସ୍‌ଜିଦ୍‌ରେ ରମ୍‌ଜାନ ପର୍ବର ଅନ୍ତିମ ଦିବସ ପବିତ୍ର ଇଦ୍ ପର୍ବ ପାଳନ ଅବସରରେ ମୁସଲମାନମାନେ ନମାଜ ପାଠ କରିବା ସହିତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଶୁକ୍ରବାର ସଂଧ୍ୟାରେ ବାଲୁଗାଁ ମୁସଲିମ୍ ସାହି ମସ୍‌ଜିଦ୍ ପରିସରରେ ଇଫ୍‌ତାର ପାର୍ଟି ଆୟୋଜନ କରାଯାଇ ଥିଲା। ଏଥିରେ ମୁସଲମାନ ସାହିର ସଭାପତି ଅବଦୁଲ ଜଲାଲ, ସଂପାଦକ ଶବିର ଖାଁ, ଜଲାଲ କଳାପାହାଡ, ମୋତିନ ଖାଁ ଓ ଜୁଲୁ ଖାଁ ପ୍ରମୁଖ ଉପସ୍ଥିତ ରହି ହିନ୍ଦୁ ମୁସଲିମ ଏକାଠି ହୋଇ ଭାଇଚାରାର ବାର୍ତ୍ତା ବାଣ୍ଟିଥିଲେ। ସେହିପରି ବାଣପୁର ବଜାର ଓ ବଡ ହନ୍ତୁଆଡ ମୁସଲମାନ ସାହିରେ ମଧ୍ୟ ଇଫ୍‌ତାର ପାର୍ଟି ଆୟୋଜନ ହୋଇଥିଲା।



**ଜଟଣୀ** : ଆଜି ଧୁମ ଧାମରେ ପାଳିତ ହୋଇଯାଇଛି ଦାନ ଓ ଧର୍ମର ପର୍ବ ଇଦ ଉଲ ଫିତର। ଇଦ ନମାଜପାଠ କରିବାଲାଗି ଇଦଗାହ, ମସଜିଦଗୁଡ଼ିକରେ ପ୍ରବଳ ଜନସମାଗମ ହୋଇଥିଲା। ଜଟଣୀ ସହରରେ ରହୁଥିବା ଇସଲାମ ଧର୍ମିୟ ମୁସଲମାନମାନଙ୍କ ୬ଟି ମସଜିଦ ରହିଥିବା ବେଳେ ଏକଗୋଟି ଇଦଗାହ ପଡିଆ ରହିଛି। ସାଙ୍ଗକୁ ନମାଜ ପାଠ ପରେ ଜଣେ ଅନ୍ୟଜଣକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ଜଟଣୀର ବଡି ମସଜିଦ, ବାଛରାପାଟଣାସ୍ଥିତ ମସଜିଦ-ଏ-ନୂର, ରେଡଙ୍ଗକଲୋନୀ ସ୍ଥିତ ମସଜିଦ-ଏ- ହବିବି, ମଦିନା ମସଜିଦ ଓ ଛୋଟି ମସଜିଦ ଇତ୍ୟାଦିରେ ନମାଜିଙ୍କ ପ୍ରବଳ ଭିଡ ଜମିଯାଇଥିଲା। ତେଣୁ ନମାଜିମାନେ



ସେହିପରି ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ, ରଥିପୁର ଓ ବେଣାପଞ୍ଝରୀ ଗ୍ରାମରେ ଥିବା ମସଜିଦ ଏବଂ ଇଦଗାହରେ ନମାଜ ପାଠ କରିବା ଲାଗି ପ୍ରବଳ ଜନ ସମାଗମ ଲାଗି ରହିଥିଲା। ଗତମାସରୁ ଆରମ୍ଭ ହୋଇଥିବା ପବିତ୍ର ରମଜାନ ମାସ ଆରମ୍ଭ ହୋଇ ଶୁକ୍ରବାର ଏହା ସରିଥିଲା। ଏଥି ମଧ୍ୟରେ ଘରର ପ୍ରତ୍ୟେକ ବ୍ୟକ୍ତି ପିଛା ଫିତରା(ଦାନ) ଗରିବ ଅସହାୟମାନଙ୍କୁ ଦିଆଯାଇଥିଲା। ଏକମାସ ବ୍ୟାପି ଜଟଣୀ ଚଳଚଂଚଳ ଦେଖାଦେଇଥିଲା। ଆଜି ପୂର୍ବାହ୍ନରୁ ସ୍ନାନ କରିବାପରେ ନୂତନବସ୍ତ୍ର ଧାରଣ କରି ମସଜିଦ ଓ ଇଦଗାହକୁ ଆସିଥିଲେ। ସମସ୍ତଙ୍କ ଘରେ ଖୁସିର ମାହୋଲ ସହିତ ଇଦ୍‌ର ବଧାଇ ଓ ଅଭିନନ୍ଦନ ପଦାରେ ନମାଜପାଠ କରିବାକୁ ବାଧ୍ୟ ହୋଇଥିଲେ। ଜଟଣୀ ସହର ବ୍ୟତିତ କେତେକ ସରକାରୀ ଓ ବେସରକାରୀ କର୍ମଚାରୀ, ଆଇଆଇଟି, ଜାଭିୟର ବିଶ୍ୱବିଦ୍ୟାଳୟ,ସେଂଚୁରୀୟନ ବିଶ୍ୱବିଦ୍ୟାଳୟ ଏବଂ ନାଇଜର ଶିକ୍ଷାନୁଷ୍ଠାନଗୁଡିକରେ ଅଧ୍ୟୟନ କରୁଥିବା ମୁସଲମାନ ସମ୍ପ୍ରଦାୟଙ୍କ ଯୁବକମାନେ ଆଜି ନମାଜପାଠ କରିବା ପାଇଁ ଆସିଥିବା ଦେଖିବାକୁ ମିଳିଥିଲା। ଏହି କ୍ରମରେ ଜଟଣୀ ସହରର ୬ଟି ମସଜିଦ ବ୍ୟତିତ ଗଡରଥୀପୁରର ୨ଟି ମସଜିଦ ଏବଂ ଗଡତରାବୋଇର ୨ଟି ମସଜିଦରେ ମଧ୍ୟ ଅନୁରୁପ ଭାବେ ଚଳିତବର୍ଷେ ନମାଜିଙ୍କ ଭିଡ ଦେଖିବାକୁ ମିଳିଥିଲା।

# ଚନ୍ଦ୍ରଘଣ୍ଟା ବେଶରେ ମା' ବନଦୁର୍ଗା



ନିରାକାରପୁର, ୨୧।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଷୋଳପୂଜାର ଏକାଦଶ ଓ ନବରାତ୍ରିର ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଆଧରପଣା ଓ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇ ପୁରୀ ଶ୍ରୀମନ୍ଦିରର ସେବାୟତ ଶମ୍ଭୁନାଥ ଗୋପାଳ ଖୁଣ୍ଟିଆ, ନରସିଂହ ମେକାପ, ରବିନାରାୟଣ ପୁରାଣ ପଣ୍ଡା, ବିପିନି ଷଡ଼ଙ୍ଗୀ, ଅଶୋକ କୁମାର ସାହୁ ଜଗନ୍ନାଥଙ୍କ ପଦକ ଆଜ୍ଞାମାଳ, ସୁଆର ପିଠା,ଆରଶା, ବିରି ପିଠା, ତ୍ରୀପୁରି, ମାଲପୁଆ, ଦହି ପଖାଳ ଆଦି ସମର୍ପଣ କରିଥିଲେ। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର ଓ ବେଦ ବିଦ୍ୟାର୍ଥୀ ମାନେ ସହଯୋଗ କରିଥିଲେ।

# କୁଦିଆରୀ ମା' ଜାଗୁଲାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ



ଜଟଣୀ, ୨୧।୩ (ସମିସ): କୁଦିଆରି ଗ୍ରାମଦେବୀ ମା' ଜାଗୁଲାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ତୃତୀୟ ଦିବସରେ ସାଲା ମଣ୍ଡନ ସୂର୍ଯ୍ୟ ପୂଜା ଅଗ୍ନିସ୍ଥାପନା କରାଯାଇ ସନ୍ଧ୍ୟାରେ ମା'ଙ୍କୁ ମହାସ୍ନାନ ପରେ ବେଶ କରାଯାଇଥିଲା । ଆଜି ମା' ଦଶଭୁଜା ସମସ୍ତ ଅସ୍ତ୍ରଶସ୍ତ୍ର ପରିହିତା ମା ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଥିଲେ । ଆସନ୍ତାକାଲି ଦୁଇଟି ବେଶ ମା' କୁଷ୍ମାଣ୍ଡା ଓ ସ୍କନ୍ଦମାତା ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି । ଚିତ୍ରକର ବିଜୟ କୁମାର ପଣ୍ଡା ମା'ଙ୍କୁ ବେଶ କରିଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦକ ଏଲ ଡି ମହାନ୍ତି, ସଭପତି ରାଧାମୋହନ ପଟ୍ଟନାୟକ, କୋଷାଧକ୍ଷ ଜିତେନ୍ଦ୍ର ଜେନା, ଅଶୋକ ଦାଶ, ବାଉରୀବନ୍ଧୁ ସାହାଣୀ, ପବିତ୍ରମୋହନ ରଣସିଂହ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ନିତ୍ୟ ସେବକ ସୁଶାନ୍ତ ସାହୁ, ରାମଚନ୍ଦ୍ର ସାହୁ, ଚର୍ଚ୍ଚିଲ ଦାସ, ଗଣେଶ ସ୍ୱାଇଁ, ପାପୁନି ଦାସ, ବିଶ୍ୱରଂଜନ ବୁଦ୍ଧିଆ ସାହୁ, ସାଇ ସ୍ପନ୍ଦନ ମହାନ୍ତି, ବିକାଶ ବେହେରା, ଜଗନ୍ନାଥ ବାରିକ ସମେତ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା ହୋଇଥିଲା।

## ଭୂଷଣ୍ଡପୁର ସେବା ସମବାୟ ସମିତି

# ଡାଟାଏଣ୍ଟ୍ରି ଅପରେଟରଙ୍କ ବହିଷ୍କାର ଦାବି ତେଜିଲା

**ଖୋର୍ଦ୍ଧା,୨୧।୩(ସମିସ):** ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ସେବା ସମବାୟ ସମିତିର ଡାଟା ଏଂଟ୍ରି ଅପରେଟର ଶିବ ପ୍ରସାଦ ପେଇଇଙ୍କ ବହିଷ୍କାର ଦାବି ତେଜୁଛି। ବେଳକୁ ବେଳ ବିବାଦୀୟ ହେଉଛନ୍ତି ଶ୍ରୀ ପଲେଇ। ସମିତିରେ ଚାଷୀଙ୍କୁ ଦୁର୍ବ୍ୟବହାର, ନିଶାପାନ କରି ଲୋକଙ୍କ ସହ ଗଣ୍ଡଗୋଳ କରିବା ନେଇ ଅଭିଯୋଗ ହୋଇଛି। ତେଣୁ ତାଙ୍କର ବହିଷ୍କାର ଦାବିରେ ଭୂଷଣ୍ଡପୁର ଓ ବାଲିପାଟପୁରର ଚାଷୀ ଏବଂ ବୁଦ୍ଧିଜିବୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଭୂଷଣ୍ଡପୁର ସେବା ସମବାୟ ସମିତି ଉପରେ ଭୂଷଣ୍ଡପୁର ଓ ବାଲିପାଟପୁର ପଂଚାୟତ ର ଚାଷୀ ନିର୍ଭର କରନ୍ତି। ଏଠାରେ ଅଢେଇ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜିକୃତ ଅଛନ୍ତି। ଚାଷୀଙ୍କୁ ଋଣ ଲଗାଣ, ଧାନ କ୍ରୟ ନିମନ୍ତେ ଚାଷୀ ସେବା ସମବାୟ ସମିତିକୁ ଆସୁଥିବାବେଳେ ଶ୍ରୀ ପଲେଇ ନିଶା ପାନ କରି ତାଙ୍କୁ ଦୁର୍ବବ୍ୟହାର କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଶ୍ରୀ ପଲେଇଙ୍କ ବ୍ୟବହାରରେ ଚାଷୀ ମାନେ ଭୟଭୀତ ବୋଲି ଦର୍ଶାଇଛନ୍ତି। ତାଙ୍କୁ ତୁରନ୍ତ ସେବା ସମବାୟ ସମିତିରୁ ବହିଷ୍କାର କରିବା ପାଇଁ ଦୁଇ ପଂଚାୟତର ଚାଷୀ ଓ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେହିପରି ଏଆରସିଏସ ଖୋର୍ଦ୍ଧା. କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଏବଂ ଭୂଷଣ୍ଡପୁର ସେବା ସମବାୟ ସଭାପତିଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

# ଆଦର୍ଶ ପଞ୍ଚାୟତ ଗଠନ ପାଇଁ ପ୍ରଶିକ୍ଷଣ ଶିବିର

**ଟାଙ୍ଗୀ,୨୧।୩ (ସମିସ):** ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳ କରିବା, ମହିଳା ମାନଙ୍କ ସୁରକ୍ଷା ସହିତ, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରତି ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଚାନ୍ଦପୁର ଗ୍ରାମ ପଞ୍ଚାୟତ ପରିସରରେ ଏମବିକେ ସରିତା ସାହୁଙ୍କ ପ୍ରତିନିଧିତ୍ୱରେ ମାଷ୍ଟର ଟ୍ରେନର ରେଣୁବାଳା ମିଶ୍ର, ଲକ୍ଷ୍ମୀପ୍ରିୟା ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ରାମଚଣ୍ଡୀ ମଞ୍ଚ, ଐଶାନେଶ୍ୱର ମଞ୍ଚ, ରଘୁନାଥ ମଞ୍ଚ, ମା' ଡୋମଣୀ ମଞ୍ଚ, ମା' ଖିଲାମୁଣ୍ଡା ମଞ୍ଚ ଓ ପାର୍ବତୀ ମଞ୍ଚର ଅଠର ଜଣ ସଦସ୍ୟା ଏହି ଶିବିରରେ ଯୋଗଦେଇ ପ୍ରାଚୀର ପତ୍ର ମାଧ୍ୟମରେ ଆଦର୍ଶ ପଞ୍ଚାୟତ ଗଠନର ପରିକଳ୍ପନା କରୁଥିଲେ। ପ୍ରତି ପଡ଼ାଗ୍ରାମ ଜେମାଦେଇପୁର ଓ ଚାନ୍ଦପୁର ରେ ଏହା କିପରି ସଫଳ ହେବ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଛି।

# ତାଲୁକା ସଭାପତି ମନୋନୀତ ହେଲେ ଭି. କାମେଶ୍ୱର



**ବାଣପୁର,୨୧।୩(ସମିସ):** ଶ୍ରୀ ଶ୍ରୀ ଶୈବ ପାଞ୍ଚାଳ ସମୁଦାୟ ବାଣପୁର ତାଲୁକା ର ସଭାପତି ରୂପେ ଆରୋଗ୍ୟ ସେବା ସଦନର ସଭାପତି ଭି କାମେଶ୍ୱର ଆଚାରୀ ସର୍ବସମ୍ମତ କ୍ରମେ ମନୋନୀତ ହୋଇଛନ୍ତି। ଗତ କିଛି ଦିନ ତଳେ ସଭାପତି ରୂପେ ଥିବା ଲୋକନାଥ ଅଚାରୀଙ୍କ ଅକାଳ ବିୟୋଗ ପରେ ଉକ୍ତ ପଦବୀ ଖାଲି ପଡିଥିବାରୁ ବର୍ତ୍ତମାନ ଶୈବ ପାଞ୍ଚାଳ ସମୁଦାୟର ବୈଠକ ବସି କାମେଶ୍ୱରଙ୍କୁ ଶ୍ରୀ ଶ୍ରୀ ଶୈବ ପାଞ୍ଚାଳ ଓଡ଼ିଶାର କେନ୍ଦ୍ରୀୟ କମିଟିର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ବାଣପୁର ତାଲୁକା ସଭାପତି ରୂପେ ମନୋନୀତ କରାଯିବା ସହିତ ନୂତନ, ସମ୍ପାଦକ, ଉପସଭାପତି, କୋଷାଧକ୍ଷ ଓ କେନ୍ଦ୍ରୀୟ କମିଟି ନିମିତ୍ତ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଟାଙ୍ଗୀ,୨୧।୩ (ସମିସ):** ଟାଙ୍ଗୀ ବ୍ଲକ ଅଧୀନ ରତନପୁର ପଞ୍ଚାୟତର ବଧିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବନ୍ଦିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଟାଙ୍ଗୀ ଥାନା ଦ୍ୱିତୀୟ ଆଇଆଇସି ଶ୍ରଦ୍ଧା ନାୟକ, ସମ୍ମାନିତ ଅତିଥି ରୂପେ ଏଏସଆଇ ଅନିରୁଦ୍ଧ ସାମନ୍ତରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ସ୍ୱାଇଁ, ସାମ୍ବାଦିକ ବନବିହାରୀ ବେହେରା, ପରିଚାଳନା କମିଟି ସଭାପତି ଜୟପ୍ରକାଶ ପ୍ରଧାନ, ପ୍ରମୋଦ ସେଠୀ, ମାନସ ବେହେରା, ଭାନୁମତୀ ପ୍ରଧାନ, କୃଷ୍ଣଚନ୍ଦ୍ର ସୁବୁଦ୍ଧି, ଗୌରାଙ୍ଗ ଚରଣ ମୁଦୁଲି, ସତ୍ୟଭାମା ବେହେରା, କାହ୍ନୁ ବେହେରା, ନିଳାଦ୍ରୀ ସିଂ, କିଶୋର ଚନ୍ଦ୍ର କର, ଲଳିତ ନାରାୟଣ ମହାପାତ୍ର, ଦୀନବନ୍ଧୁ ପୃଷ୍ଟି,ମନୋଜ ବେହେରା,ଶରତ ବେହେରା, ଲୋକନାଥ ବେହେରା ବୈକୁଣ୍ଠ ବେହେରା ପ୍ରମୁଖ ଯୋଗଦେଇ ଚରିତ୍ର ଗଠନ ଏବଂ ସମାଜ ସେବା ଶିକ୍ଷାର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୀନବନ୍ଧୁ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ।

# ଦେଉଳଟାଙ୍ଗି କ୍ରିକେଟ: ଫାଇନାଲରେ ଦେଉଳଟାଙ୍ଗି ଓ କାଇପଦର



**ଖୋର୍ଦ୍ଧା,୨୧।୩(ସମିସ):** ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ଓ ଦେଉଳଟାଙ୍ଗି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦେଉଳଟାଙ୍ଗି ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୯ ୱିକେଟ୍ ବିନିମୟରେ ୧୪୭ ରନ୍ କରିଥିଲା। ଜବାବରେ କଲ୍ୟାଣପୁର ଦଳ ୧୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୫୩ ରନ୍ କରିଥିଲା। ଫଳରେ ଦେଉଳଟାଙ୍ଗି ଦଳ ୯୪ ରନ୍ ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦଳ ତରଫରୁ ଗୋପିନାଥ ମାଝି ୧୮ ବଲରୁ ୩୪ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚଟି କାଇପଦର ଓ ପଳାସପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପଳାସପୁର ଦଳ ୧୫ ଓଭର ଖେଳି ୯ ୱିକେଟ ବିନିମୟରେ ୧୬୨ ରନ୍ କରିଥିଲା। ଜବାବରେ କାଇପଦର ଦଳ ୧୩.୫ ଓଭର ଖେଳି ୫ ୱିକେଟ ବିନିମୟରେ ୧୬୫ ରନ କରିଥିଲା। ଫଳରେ ୫ ୱିକେଟ ରେ କାଇପଦର ଦଳ ବିଜୟୀ ହୋଇ ଫାଇନାଲରେ ପହଁଚିଛି। ଦଳ ତରଫରୁ କୁଳଦୀପ ପାଇକରାୟ ୧୬ବଲ୍‌ରେ ୪୧ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଝଜ ସାମନ୍ତରାୟ ଓ ମଦନମୋହନ ସ୍ୱାଇଁ ପରିଚାଳନା କରିଥିବାବେଳେ ସ୍କୋରର ସନ୍ତୋଷ କୁମାର ସାହୁ ଓ ଭାଷ୍ୟକାର ଜିତେନ୍ଦ୍ର ପ୍ରଧାନ ରହିଥିଲେ।

# ବିଶ୍ୱ କବିତା ଦିବସରେ ବିଶ୍ୱଶାନ୍ତିର ଆହ୍ୱାନ

ଖୋର୍ଦ୍ଧା,୨୧।୩(ସମିସ)

ଶ୍ରୀରାମନଗର ସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଡ଼. ପ୍ରମୋଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୱରେ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ଭାଷା ଓ ସାଂସ୍କୃତିକ ବିବିଧତା ମଧ୍ୟରେ ବିଶ୍ୱବାସୀଙ୍କ ଭିତରେ ଏକତା ଓ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ଦ୍ୱାରା ମାର୍ଚ୍ଚ ୨୧ତାରିଖକୁ ବିଶ୍ୱ କବିତା ଦିବସ ରୂପେ ୧୯୯୯ ମସିହାଠାରୁ ପାଳିତ କରାଯାଉଅଛି। ସମୟର ଆହ୍ୱାନ ଅନୁଯାୟୀ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ଏହି ଦିବସରେ ବିଶ୍ୱବ୍ୟାପୀ ପ୍ରଚାର କରାଯାଇଥାଏ।

ମଞ୍ଚର ସଭାପତି ବିଧାନ ଚନ୍ଦ୍ର ମହାନ୍ତି, କବିତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ଆମେରିକା ଓ ଇସ୍ରାଇଲ ମିଳିତ ଭାବରେ ଇରାନ୍ ଉପରେ କରିଥିବା ଆକ୍ରମଣ କେବଳ ମଧ୍ୟ ପ୍ରାଚ୍ୟ ନୁହେଁ ସମଗ୍ର ଏସିଆ ମହାଦେଶ ପାଇଁ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଛି। ଏପରିକି ତୃତୀୟ ବିଶ୍ୱଯୁଦ୍ଧ ଓ ପରମାଣୁ ବୋମାର ବ୍ୟବହାର କରିବାକୁ ନେଇ ବିଶ୍ୱ ଧ୍ୱଂସ ଆଡ଼କୁ




ମୁହାଁଉଅଛି ବୋଲି ଆଶଙ୍କା ଦେଖାଦେଇଛି। ବିଶ୍ୱର ଶାନ୍ତିକାମୀ ମଣିଷମାନଙ୍କ 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ', 'ଧ୍ୱଂସ ନୁହେଁ ସୃଷ୍ଟି ଚାହୁଁ', 'ମୃତ୍ୟୁ ନୁହେଁ ଜୀବନ ଚାହୁଁ'ର ଦୃଢ଼ ନାରା ଯୁଦ୍ଧଖୋର ଶାସକମାନଙ୍କୁ ଅଟକାଇ ପାରିବ ବୋଲି ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣରେ କହିଥିଲେ।

ବିଶ୍ୱଶାନ୍ତିର ସେତୁ -କବିତା, ଏହି ବାର୍ତ୍ତା ସହିତ ସ୍ୱରଚିତ କବିତା ଆସରରେ ଅନୁସୟା ସାମନ୍ତରାୟ, ସୌଦାମିନୀ ପଟ୍ଟନାୟକ, ଡ଼. ଚପଳା ପଣ୍ଡା, କବିତାରାଣୀ ମିଶ୍ର, ବୈକୁଣ୍ଠନାଥ ରାଜଗୁରୁ, ଡ଼. ପ୍ରଫୁଲ୍ଲ ସାମନ୍ତରାୟ, ବନବିହାରୀ ପଟ୍ଟନାୟକ, ଜୟକୃଷ୍ଣ ବାରିକ, ରମେଶ କୁମାର ଦାଶ, ଦିବାକର ମୁଦୁଲି, ବିନାୟକ ପାଇକରାୟ, ପ୍ରଫୁଲ୍ଲ କୁମାର ସାହୁ, ବଂଶୀଧର ଦାସ, ରାଜକିଶୋର ବଳିୟାରସିଂହ, କୈଳାସ ଚନ୍ଦ୍ର ପୃଷ୍ଟି, ଡ଼. ବୃନ୍ଦାବନ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଡ଼ା. ବାସୁଦେବ ପାତ୍ର, ଦେବପ୍ରସାଦ ମଜୁମଦାର, ରତ୍ନାକର ରଣସିଂହ, ରବୀନ୍ଦ୍ର କୁମାର ସାହୁ, ହରମୋହନ ମହାପାତ୍ର, କ୍ଷେତ୍ରବାସୀ ସାହୁ, ଗଦାଧର ଗୋଛି, ଗଗନ ବିହାରୀ ପାଣିଗ୍ରାହୀ, ବିପ୍ର ଚରଣ ବେହେରା, ସତ୍ୟବ୍ରତ ଦାସ, ଅଞ୍ଜନ କୁମାର ରାୟ, ବିରଂଚି ନାରାୟଣ ପ୍ରଧାନ ପ୍ରମୁଖ ମଂଚ ର କର୍ମକର୍ତ୍ତାବୃନ୍ଦ ଙ୍କ ସହିତ ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଓ ଶେଷରେ 'ଜାତୀୟ ସଙ୍ଗୀତ' ଗାନ କରାଯାଇଥିଲା। ଶେଷରେ ମଂଚ ର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

